# Akashvani, Sambalpur

## SAMBALPURI NEWS EVENING BULLETIN

## 14 April 2026-7.02- 7.12 pm.

---

୧- ଉସଚ୍, ଉଷ୍ନାକିଥି ରାଏଜେ ପାଲିତ୍ ହେଉଛେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନୂଆବଛର୍ ଆର୍ ହନୁମାନ୍ ଜୟନ୍ତୀ ।

୨- ସମ୍ବିଧାନ୍ ପ୍ରଣେତା ଆଉ ସମାଜ୍ ସଂସ୍କାରକ୍ ବାବା ସାହେବ ଆମ୍ବେଦକରଙ୍କର୍ ଜୟନ୍ତୀ ଅବ୍‌ସରେ ଦେଶ୍‌ବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

୩- ସମ୍ବଲ୍‌ପୁର୍ ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ନ ୭୮ ଟା ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

ଆଉର୍

୪- ଓଡ଼ିଶାର୍ ସ୍ୱାଭିମାନ୍ ଆଉ ଗୌରବ୍‌ବେ ନେଇକରି ୧୪ ଦିନଧରି ଚାଲିଥିବା ଓଡ଼ିଆ ପକ୍ଷ ଆଏଜ୍ ହେଉଛେ ଉଦ୍‌ଯାପିତ ।

ମହାବିଷୁବ ସଂକ୍ରାନ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ହେଉଛେ ପବିତ୍ର ମହାବିଷୁବ ସଂକ୍ରାନ୍ତି । ବସନ୍ତ ଋତୁ ଶେଷ୍ ହେଇକରି ଆଏଜ୍‌ଠାନୁ ଗ୍ରୀଷ୍ମଋତୁ ମୁଲ୍ ହେସି । ସୂର୍ଯ୍ୟଙ୍କର୍ ତାପ ବଢ଼୍‌ସି ଆଉ ପବନ୍‌ର ଗତି ଭିଲ୍ ପ୍ରଖର୍ ହେସି । ଆଝିର୍ ଦିନ୍‌କେ ପଣା ସଂକ୍ରାନ୍ତି ଭାବେ ଭିଲ୍ ପାଲନ୍ କରାଯାଏସି । ଓଡ଼ିଆ ପାଞ୍ଜି ହିସାବେ ମହାବିଷୁବ ସଂକ୍ରାନ୍ତି କେ ବଛର୍‌ର ପହେଲା ଦିନ୍ ଭାବେ ପାଲନ୍ କରାଯାଏସି । ଇ ଦିନ ଦଁଣ୍ଡ୍ ଯାତ୍ରା, ଚଡ଼କ ପର୍ବ, ଝାମୁ ଯାତ୍ରା, ହିଙ୍ଗୁଳା ଯାତ୍ରା ଆଉ ପଟୁଆ ଯାତ୍ରା ଉଦ୍‌ଯାପିତ୍ ହେସି । ଆଝିର୍ ଦିନେ ଘରେ ଘରେ ଦେ'ଦେବ୍‌ତାଙ୍କର୍ ପାଖେ ଖାସ୍ ପୂଜାର୍ଚ୍ଚନା କରାଯାଉଛେ । ପ୍ରଭୁ ଶ୍ରୀରାମଙ୍କର୍ ପରମ୍‌ଭକ୍ତ ଶ୍ରୀ ହନୁମାନ୍‌ଙ୍କର୍ ଭିଲ୍ ଆଏଜ୍ ଜୟନ୍ତୀ ଆଏ । ଅଗ୍ନି ଆଉ ବାୟୁର ପ୍ରକୋପ୍‌ନୁ ରକ୍ଷା ପାଏବାର୍ ଲାଗି ଇ ପବିତ୍ର ଦିନେ ପ୍ରଭୁ ହନୁମାନ୍‌ଙ୍କର୍ ପୂଜା କରାଯାଏସି । ଦେଶେ ହନୁମାନ୍ ଜୟନ୍ତୀକେ ଭକ୍ତଭାବ୍‌ନାର୍ ସହେତେ ଆଉ ହନୁମାନ୍ ଚାଳିଶା ପାଠ୍ କରିକରି ଉସତ୍ ଉସ୍‌ନାକିଥି ପାଲନ୍ କରାଯାଉଛେ । ଓଡ଼ିଆ ନବବର୍ଷ ପାଲନ୍ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆର୍ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟବାସୀଙ୍କୁ ଆଉ ଦେଶ୍‌ବାହାରେ ରହୁଥିବା ଓଡ଼ିଆମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ

କମ୍ପମ୍‌ପାଟି ପବିତ୍ର ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ଅବ୍‌ସରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନେଇଛନ୍ । ଓଡ଼ିଶାକେ ଦେଶର୍ ଅଲ୍‌ଗା ଶ୍ରେଷ୍ଠ ଆଉ ବିକଶିତ ରାଜ୍ୟ ବନାବାର୍ ଲାଗି ସଭେ ଜାନ୍ ଜୀବନ୍ ଦେଇକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ମହାପ୍ରଭୁ ଶ୍ରୀଜଗନ୍ନାଥ୍‌ଙ୍କର୍ ଅପାର କରୁଣାନୁ ପବିତ୍ର ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନବବର୍ଷ ସମ୍‌କର୍ ଜୀବନ୍‌ଥି ସୁଖ ଶାନ୍ତି ଆଉ ସମୃଦ୍ଧି ଭରିଦଉ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଜର୍ ଶୁଭେଚ୍ଛା ବାର୍ତାଥି କହିଛନ୍ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଜାକ୍‌ଜମକ୍‌ଥି ପବିତ୍ର ମହାବିଷୁବ ସଂକ୍ରାନ୍ତି ପାଲନ୍ କରାଯାଉଛେ ।

ବୌଦ୍ଧ ଜିଲ୍ଲା ନ ଓଡ଼ିଆ ନବବର୍ଷ ଆଉ ମହାବିଷୁବ ସଂକ୍ରାନ୍ତି ଉସ୍‌ନାକିର୍ ସହେତେ ପାଲିତ୍ ହେଇଛେ । ଦେ’ ଦେବ୍‌ତାଙ୍କୁ ପୂଜାର୍ଚ୍ଚନା ଉତ୍‌ରୁ ଘରେ ଘରେ ପଣା ଭୋଗ ଲଗାଯାଇଛେ । ସୁବର୍ଣ୍ଣପୁର୍ ଜିଲ୍ଲା ନ ଓଡ଼ିଆ ନୂଆବଛର୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ଯୋଗ୍ ଦେଇକରି ଓଡ଼ିଶା ସାଂସ୍କୃତିକ୍ ଆଉ ଅର୍ଥନୈତିକ୍ ବିକାଶ୍ ବାବ୍‌ଦେ କହିଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ସଂସ୍କୃତି ବିଭାଗ୍ ତରଫୁ

ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନବବର୍ଷ ପାଲିତ୍

ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଇତାର୍ ଶୁଭାରମ୍ଭ କରିଛନ୍ ।

ଉତ୍କଳୀୟ ନବବର୍ଷ -ଶ୍ରୀମନ୍ଦିର ପୁରୀ ସମ୍ବାଦଦାତା

ଉତ୍କଳୀୟ ନବବର୍ଷ ଅବ୍‌ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଖାସ୍ ନୀତିକାନ୍ତି କରାଯାଉଛେ । ବିଧି ଅନ୍‌ସାରେ ସକାଳ ଧୂପ ଉତ୍‌ରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ବାଡ଼୍ ନୁ ମହାବୀର, ଶ୍ରୀଜଗନ୍ନାଥ୍ ବଲ୍ଲଭ ଆଉ ଦରିଆ ମହାବୀରଙ୍କର୍ ନିକେ ଆଜ୍ଞାମାଳ ବିଜେ କରାଯାଇଛେ । ଶ୍ରୀକ୍ଷେତ୍ର ନ ଭିନ୍ ଭିନ୍ ହନୁମାନ୍ ମନ୍ଦିର୍ ମାନ୍‌କେ ଖାସ୍ ପୂଜାର୍ଚ୍ଚନା କରାଯାଉଛେ । ଶ୍ରୀମନ୍ଦିର୍ ଦକ୍ଷିଣ ଦ୍ୱାର ପାଶେ ଥିବା କାନପଟା ହନୁମାନ୍‌ଙ୍କୁ ନାଗାର୍ଜୁନ ବେଶଥି ସଜାଯାଇଥିବାର୍ ବେଲେ ତାଙ୍କର୍ ଦର୍ଶନ୍ ଲାଗି ଜବର୍ ଭିଡ୍ ହେଇଛେ । ଶ୍ରୀକ୍ଷେତ୍ରର୍ ଜାଗା ଆଖଡ଼ା ନ ମହାବୀର୍‌ଙ୍କର୍ ପୂଜାର୍ଚ୍ଚନା ପଣା ଆଉ ଛତୁଆ ଭୋଗ ଲଗାଯାଇକରି ମଲ୍ଲବିଦ୍ୟା ଆଉ କୁସ୍ତି କର୍‌ବାର୍ ପରମ୍ପରା ରହିଛେ ।

ଆମ୍ବେଦ୍କର୍ ଜୟନ୍ତୀ

ଦେବ୍‌ଗଡ୍‌/ ବଲାଙ୍ଗିର୍/ ବୌଦ୍ଧ/ ନୂଆପଡ଼ା/ ସୁବର୍ଣ୍ଣପୁର୍

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ବାବା ସାହେବ୍ ଭୀମ୍‌ରାଓ ଆମ୍ବେଦ୍‌କର୍‌ଙ୍କର୍ ଆଏଜ୍ ଶହେ ୩୬ ତମ ଜୟନ୍ତୀ ଅବ୍‌ସରେ ଦେଶ୍ ଶ୍ରଦ୍ଧାଞ୍ଜଳି ଜନଉଛେ । କେନ୍ଦୁଝର୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଥିବା ଆମ୍ବେଦ୍‌କର୍‌ଙ୍କର୍ ପ୍ରତିମୂର୍ତ୍ତିଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମାଲ୍ୟାର୍ପଣ୍ କରିଛନ୍ । ଭାରତୀୟ ସମ୍ବିଧାନ୍‌ର ସ୍ଥପତି, ସାମାଜିକ୍ ନ୍ୟାୟର ପ୍ରତୀକ ଆଉ ଗଣତାନ୍ତ୍ରିକ୍ ମୂଲ୍ୟବୋଧର ପ୍ରତିଷ୍ଠା ଲାଗି ବାବା ସାହେବଙ୍କର୍ ଅବଦାନ୍ ଆମର୍ ଗଣତନ୍ତ୍ରକେ ବର୍‌କସ୍ କରିପାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗୁଟେ ପ୍ରଗତିଶୀଳ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ତାଙ୍କର୍ ଆଦର୍ଶ ଆମର୍ ସମ୍‌କର୍ ଲାଗି ପ୍ରେରଣାଦାୟୀ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଏଜ୍ ବେଲ୍‌ବୁଡ଼େ ଭୁବନେଶ୍ୱର୍ ଜୟଦେବ୍ ଭବନ୍ ଠାନେ ହେବାର୍‌କେ ଥିବା ଗୁଟେ ସାଧାରଣ୍

ସଭାଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ଆମ୍ବେଦ୍‌କର୍ ଜୟନ୍ତୀ ପାଲନ୍ କରାଯାଉଛେ ।

ଦେବ୍‌ଗଡ୍ ଜିଲ୍ଲା ନ ବାବା ସାହେବ୍ ଆମ୍ବେଦ୍‌କର୍‌ଙ୍କର୍ ଜୟନ୍ତୀ ଅବ୍‌ସରେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବକ୍ତୃତା, ଚିତ୍ରାଙ୍କନ ଆଉ ମୂର୍ଯ୍ୟ ପ୍ରତିଯୋଗିତା କରାଯାଇଥିଲା । ବଲାଙ୍ଗିର୍ ଜିଲ୍ଲା ନ ସମ୍ବିଧାନ୍ ପ୍ରଣେତା ବାବା ସାହେବଙ୍କର୍ ଜୟନ୍ତୀ ଅବ୍‌ସରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ତାଙ୍କର୍ ଜୀବନୀ ବାବ୍‌ଦେ ଆଲୋକ୍‌ପାତ କରିଛନ୍ । ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବାବା ସାହେବ୍‌ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କୃତ୍ କରାଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଆମ୍ବେଦ୍‌କର୍ ଛକ୍‌ଠାନେ ଇ ଅବ୍‌ସରେ  ଖଡ଼ିଆଲ୍ ରାଜା ଦେବ ଦେବ ସିଂହଦେଓ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଛନ୍ । ସେଆଡ଼େ ଜିଲ୍ଲା ସଦ୍‌ଭାବନା ଗୃହ ପରିସର୍ ନ ଆମ୍ବେଦ୍‌କର୍‌ଙ୍କର୍ ଶହେ ୩୬ ତମ ଜୟନ୍ତୀ ପାଲିତ୍ ହେଇଯାଇଛେ । ବିଜେପି କାର୍ଯ୍ୟାଲୟ ଆଉ ଜିଲ୍ଲା ସଦର୍ ମହକୁମା

କୋର୍ଟ ପରିସର୍ ନ ଓକିଲ୍ ସଂଘ ତର୍ଫୁ ଭିଲ୍ ଆମ୍ବେଦ୍କର୍ଙ୍କର୍ ଜୟନ୍ତୀ ପାଲନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍ଫୁ ବାବା ସାହେବ୍ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ଭାରତୀୟ ଗଣତନ୍ତ୍ରକେ ବର୍କସ୍ କର୍ବାର୍ଥି ଆମ୍ବେଦ୍କର୍ଙ୍କର୍ ଭୂମିକା ବାବ୍ଦେ ଅତିଥିମାନେ ଆଲୋଚନା କରିଛନ୍ ।

ଆରୋହଣ୍-ଉପମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ମହାବିଷୁବ ସଂକ୍ରାନ୍ତି ଆଉ ଓଡ଼ିଆ ନୂଆବଛର୍ ଅବ୍ସରେ ଭୁବ୍ନେଶ୍ୱର୍ ଆଇ.ସି.ଡବ୍ଲୁ.ଏସ୍. ପରିସର୍ ନ ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ୍ 'ଆରୋହଣ୍' ଉଦ୍ଘାଟିତ୍ ହେଇଯାଇଛେ । ରାଜ୍ୟ ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ହେଇଥିବା ଇ ଖାସ୍ କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଶୁଭାରମ୍ଭ କରିଛନ୍ । 'ଉଜଲ୍ ଭବିଷ୍ୟତ୍ ଲାଗି ଆଉ ପାଦେ ଆଗ୍କେ' ସ୍ଲୋଗାନ୍ ସହେତେ ମୁଲ୍ ହେଇଥିବା ଇ ଅଭିଯାନ୍ ଝିʼ ଛୁଆଙ୍କର୍ ସାମଗ୍ରିକ୍ ବିକାଶ୍ ଦିଗେ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ଆଏ । ରାଏଜେ ପ୍ରାକ୍

ପ୍ରାଥମିକ୍ ଶିକ୍ଷା ଭିତିଭୂମିକେ ବର୍କସ୍ କର୍ବାର୍ ଆଉ ଅଙ୍ଗନବାଡ଼ି ମାନ୍କେ ପ୍ରାକ୍ ପ୍ରାଥମିକ ଶିକ୍ଷା ଶେଷ୍ କର୍ବାର୍ ଉତ୍ରୁ ଛୁଆମାନେ ଯେନ୍ତା ଶିଶୁବାଟିକା ୩ ଥି ନାଁ ଲେଖେଇପାର୍ବେ ସେଟା ଇ ଯୋଜ୍ନା ଜରିଏ ସୁନିଶ୍ଚିତ୍ କରାଯିବା ।

ଧର୍ମେନ୍ଦ୍ର ପ୍ରଧାନ୍- ସମ୍ବଲ୍ପୁର୍ ସମ୍ବଲପୁର ସମ୍ବାଦଦାତା

କୁଚିଣ୍ଡାର୍ ସର୍ବାଙ୍ଗୀନ ବିକାଶ୍ ଲାଗି ସ୍ୱାସ୍ଥ୍ୟ, ଶିକ୍ଷା ଆଉ ଯା'ଆସ୍ ସହେତେ ଅଲ୍ଗା ସାମାଜିକ୍ ଭିତିଭୂମି ମାନ୍କର୍ ବିକାଶ୍ ଜରୁରୀ ଆଏ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ସମ୍ବଲ୍ପୁର୍ ଜିଲ୍ଲା କୁଚିଣ୍ଡା ବ୍ଲକ୍ ଗସ୍ତଥି ଆସିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ କୁଚିଣ୍ଡା, ବାମ୍ରା ଆଉ ଜମେନ୍କିରା ନ ୭୮ ଟା ବିକାଶ୍ମୂଲକ୍ ପ୍ରକଳ୍ପର୍ ଉଦ୍ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ୩ ଶହ ୭୫ କୋଟିନୁ ଅଏତ୍କା ଟଙ୍କାର୍ ଇ ପ୍ରକଳ୍ପ ଅଂଚଲ୍ବାସୀଙ୍କର୍ ଲାଗି ସବୁ ପ୍ରକାରର୍ ସୁବିଧା ସୁଯୋଗ୍ ଯୁଗେଇ ଦେବା ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । କୁଚିଣ୍ଡା ସର୍କାରୀ ଆଇଟିଆଇ

କେମ୍ପସ୍ ନ ରାଜ୍ୟ ସର୍କାର୍ଙ୍କର୍ ପୂର୍ତ ବିଭାଗ୍ ତର୍ଫୁ ପାଖାପାଖ୍ ୨ ଶହ ୭ କୋଟି ୨୫ ଲାଖ୍ ନୁ ଅଏତ୍କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପ ଉଦ୍ଘାଟନ୍ ଆଉ ଶିଲାନ୍ୟାସ୍ କରିଛନ୍ । ଇ ଅବ୍ସରେ ଶ୍ରୀ ପ୍ରଧାନ୍ କହିଛନ୍...

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଇତାର୍ ଉତ୍ରୁ ବାମ୍ରା ମେଲଣ ପଡ଼ିଆ ନ ହେଇଥିବା କାର୍ଯ୍ୟକ୍ରମ୍ଥି ହିତାଧିକାରୀମାନ୍କର୍ ଜମିପଟ୍ଟା, ଭତା, ଆଉ ଛାତ୍ରବୃତି ବାଂଟିଛନ୍ । ୩୩ ପ୍ରତିଶତ୍ ମହିଲା ସଂରକ୍ଷଣ୍ ଆଉ କୁଚିଣ୍ଡା ଅଂଚଲ୍ର ମିର୍ଚ୍ଚା  ଚାଷ୍ ଉପ୍ରେ ଶ୍ରୀ ପ୍ରଧାନ୍ ଜୋର୍ ଦେଇଛନ୍ । କୁଚିଣ୍ଡା ଠାନେ ଗୁଟେ ନୂଆଁ ଉପଖଣ୍ଡ ଚିକିତ୍ସାଳୟ ଭବନ୍ର ଭୂମିପୂଜନ୍ କରିଛନ୍ ।

ପାଖାପାଖ୍ ୫୩ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେବାର୍କେ ଥିବା ଇ ଅତ୍ୟାଧୁନିକ୍ ଶହେ ଶଯ୍ୟାର୍ ଚିକିତ୍ସାଳୟ ଆଉ ଖାସ୍ ଟ୍ରମାକେୟାର୍ ସେଂଟର୍ ଇଲାକାର୍ ଜରୁରୀକାଲୀନ୍ ସ୍ୱାସ୍ଥ୍ୟସେବାକେ ବର୍କସ୍ କର୍ବା । ଇତାର୍ସହେତେ ୫ କୋଟି ୧୪ ଲାଖ୍ ଟଙ୍କା ଖର୍ଚ୍ଚାଥି କୁଚିଣ୍ଡା ଯାତ୍ରା ପଡ଼ିଆ ଆଉ କୁଣ୍ଡାପୋଷି ଠାନେ ୨ ଟା ବହୁମୁଖୀ କଲ୍ୟାଣ୍ ମଣ୍ଡପ୍ର ଉଦ୍ଘାଟନ୍ ଆଉ ୬ କୋଟି ଟଙ୍କା ଖର୍ଚ୍ଚାଥି କୁଚିଣ୍ଡା ବିଜ୍ଞପିତ ଅଂଚଲ୍ ପରିଷଦ୍ର ନୂଆଁ କାର୍ଯ୍ୟାଳୟର୍

ଭିଲ୍ ଶିଲାନ୍ୟାସ୍ କରାଯାଇଛେ । ଇ ଅବ୍ସରେ କୁଚିଣ୍ଡା ବିଧାୟକ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଉ ଭିନ୍ ଭିନ୍ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଓଡ଼ିଆ ପକ୍ଷ -ଉଦ୍ଯାପନୀ ସମାରୋହ ଆର୍ଏନ୍ୟୁ/ ସମ୍ବଲପୁର/ କଲାହାଣ୍ଡି / ଦେବ୍ଗଡ଼୍/

ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍ଫୁ ଇ ମାସର୍ ୧ ତାରିଖ୍ନୁ ଚାଲିଥିବା ଓଡ଼ିଆ ପକ୍ଷ ପାଲନ୍ର ଉଦ୍ଯାପନୀ ସମାରୋହ ଆଉ ଓଡ଼ିଆ ନବବର୍ଷ ପାଲନ୍ କାର୍ଯ୍ୟକ୍ରମ୍ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ଭୁବ୍ନେଶ୍ୱର୍ ନ ଥିବା ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ ଠାନେ ଆଏଜ୍ ବେଲ୍ବୁଡ଼େ ଗୁଟେ କାର୍ଯ୍ୟକ୍ରମ୍ର ଆୟୋଜନ୍ କରାଯାଇଛେ ।

କଲାହାଣ୍ଡି ଜିଲ୍ଲା ସର୍କାରୀ ବାଳିକା ଉଚ୍ଚବିଦ୍ୟାଳୟ ନ ଇ ଅବ୍ସରେ ଜିଲ୍ଲାସ୍ତରୀୟ ଝୁଟି, ରଙ୍ଗୋଲି ଆଉ ପିଠାପନା

କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍ଓ୍ୱାନ୍ ଯୋଗ୍‌ଦେଇକରି ଓଡ଼ିଆ ପକ୍ଷ ପାଲନ୍‌ର ତାତ୍ପର୍ଯ୍ୟ ବାବ୍‌ଦେ କହିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ଓଡ଼ିଆ ପକ୍ଷ ପାଲନ୍ ଅବ୍‌ସରେ ଆଏଜ୍ ଓଡ଼ିଆ ନବବର୍ଷ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ କବିନ୍ଦ୍ର କୁମାର୍ ସାହୁ ମୁଖ୍ୟଅତି଼ି ଭାବେ ଯୋଗ୍ ଦେଇଥିଲେ ।

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଗଲା ୧୩ ଦିନ୍ ଭିତ୍‌ରେ ଫିଁ’ ଦିନ୍‌କେ ଗୁଟେ ଖାସ୍ ଢଙ୍ଗେ ପାଲନ୍ କରାଯାଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଢ଼୍‌ବାର୍‌କେ ଲାଗିଛେ । ଆଏବା ୭ ଦିନ୍‌ତକ୍ ଜିଲ୍ଲାମାନ୍‌କେ ଦିନର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

କେତେଟା ଜିଲ୍ଲାର୍ ତାପମାତ୍ରା ୪୫ ଡିଗ୍ରୀତକ୍ ପହଁଚିବାର୍ ସମ୍ଭାବନା ରହିଛେ ।